ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ , କୋରାପୁଟ

ଭୂ-ଅର୍ଜନ ଉପବିଭାଗ

ସଂଖ୍ୟା ୮୦୨ /୨୦୨୦ ତାରିଖ ୨୭ /୧୦/୨୦୨୦

ବିଜ୍ଞାପନ

ସାମାଜିକ ପ୍ରଭାବ ନିର୍ଦ୍ଧାରଣରେ ସ୍ୱଚ୍ଛତା ପାଇଁ ଜନଶୁଣାଣି ନିମନ୍ତେ ବିଜ୍ଞାପନ

ରାଜ୍ୟ ସରକାର ପ୍ରଭାବିତ ଗ୍ରାମ/ୱାର୍ଡ ସ୍ତରରେ ସମ୍ପୃକ୍ତ ଗ୍ରାମ ପଞ୍ଚାୟତଙ୍କ ପରାମର୍ଶକ୍ରମେ ନିମ୍ନଲିଖିତ ଭୂମି ଅଧିଗ୍ରହଣ କରିବାକୁ ଚାହୁଁଛନ୍ତି ଏବଂ ସେଥି ନିମନ୍ତେ ସର୍ବସାଧାରଣ ଉଦ୍ଦେଶ୍ୟରେ ପ୍ରଭାବିତ ଅଞ୍ଚଳରେ ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣ ଅଧିସୂଚନା ସଂଖ୍ୟା ୧୪୫୧୧/R & DM ତା.୧୮.୦୪.୨୦୨୦ ପରିଦୃଷ୍ଟେ ନିମ୍ନଲିଖିତ ମୌଜାର ଜନଶୁଣାଣି ତା଼ ୧୮.୧୧.୨୦୨୦ ପୂର୍ବାହ୍ନ ଘ. ୧୧.୩୦ ମିନିଟ ସମୟରେ ସମ୍ପୃକ୍ତ ଗ୍ରାମପଞ୍ଚାୟତ ପ୍ରାଙ୍ଗଣରେ ଅନୁଷ୍ଠିତ ହେବ । ଅତଏବ, ସମ୍ପୃକ୍ତ ଗ୍ରାମର ସମସ୍ତ ଗ୍ରାମବାସୀଙ୍କୁ ଅବଗତ କରାଗଲା ଯେ ସେମାନେ ଉକ୍ତ ଜନଶୁଣାଣିରେ ପ୍ରତ୍ୟକ୍ଷ ଭାବେ ଉପସ୍ଥିତ ରହି ନିଜ ନିଜର ମତ ଉପସ୍ଥାପନ କରିବେ । ଏହି ବିଜ୍ଞାପନ ଓଡିଶା ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନରେ ଉଚିତ ମୂଲ୍ୟ ଏବଂ ସ୍ୱଚ୍ଛତା ଅଧିକାର ଅଧିନିୟମ-୨୦୧୬ ର ଧାରା ୧୪ ଅନୁଯାଇ ଉକ୍ତ ଜନଶୁଣାଣି କରାଯିବ ।

୧. ଜଗମଗୁଡା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ପାଇଁ କୋରାପୁଟ ଜିଲ୍ଲାରେ ପ୍ରସ୍ତାବିତ ଭୂ ଅଧିଗ୍ରହଣ ବିବରଣୀ /ତଫସିଲ ।

| କ୍ରମିକ ସଂଖ୍ୟା | ତହସିଲ | ଗ୍ରାମ ପଞ୍ଚାୟତ | ଗ୍ରାମ | ବେସରକାରୀ ଜମି (ହେକ୍ଟର/ଏକର) | ମନ୍ତବ୍ୟ |
|---|---|---|---|---|---|
| ୧ | କୋରାପୁଟ | ମସ୍ତିପୁଟ | ମସ୍ତିପୁଟ | ଏକର.୧୦.୬୫ | |
| | | ମୋଟ | | ଏକର. ୧୦.୬୫ | |

ଦେବେନ କୁମାର ପ୍ରଧାନ

ଅତିରିକ୍ତ ଜିଲ୍ଲାପାଳ ତଥା ନୋଡାଲ ଅଧିକାରୀ

କୋରାପୁଟ

ଜ୍ଞାପକ ସଂଖ୍ୟା ୫୦୭ /୨୦ ତାରିଖ ୨୭ /୧୦/୨୦୨୦

ଏହାର ଏକକିତା ନକଲ Coordinator, State SIA Unit, ଭୁବନେଶ୍ୱର/ଅରୁନ ଗ୍ରାମ୍ୟ ବିକାଶ ପ୍ରତିଷ୍ଠାନଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଦେବେନ କୁମାର ଜୈନ
ଅତିରିକ୍ତ ଜିଲ୍ଲାପାଳ ତଥା ନୋଡାଲ ଅଧିକାରୀ
କୋରାପୁଟ

ଜ୍ଞାପକ ସଂଖ୍ୟା ୫୦୮ /୨୦ ତାରିଖ ୨୭ /୧୦/୨୦୨୦

ଏହାର ଏକକିତା ନକଲ ଉପ-ଜିଲ୍ଲାପାଳ, କୋରାପୁଟ/ଗୋଷ୍ଠି ଉନ୍ନୟନ ଅଧିକାରୀ, କୋରାପୁଟ/ତହସିଲଦାର, କୋରାପୁଟ / ସରପଞ୍ଚ, ମସ୍ତିପୁଟ ଗ୍ରାମ ପଞ୍ଚାୟତଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ତହସିଲଦାର, କୋରାପୁଟଙ୍କୁ ବିଜ୍ଞାପନର ତିନିକିତା ନକଲ ପ୍ରେରଣ କରାଯାଇ ଅନୁରୋଧ କରାଗଲା ଯେ, ଉକ୍ତ ବିଜ୍ଞାପନର ଗୋଟିଏ ଗୋଟିଏ ନକଲ ମସ୍ତିପୁଟ ମୌଜାର ଅନ୍ତତ ଦୁଇଜଣ ଗ୍ରାମବାସୀଙ୍କ ସ୍ୱାକ୍ଷର ନେଇ ସାର୍ବଜନୀନ ସ୍ଥଳୀରେ ପ୍ରକାଶନ କରି ଜାରିକୃତ ନକଲ ଏହି କାର୍ଯ୍ୟାଳୟକୁ ପ୍ରେରଣ କରିବେ ।

ଦେବେନ କୁମାର ଜୈନ
ଅତିରିକ୍ତ ଜିଲ୍ଲାପାଳ ତଥା ନୋଡାଲ ଅଧିକାରୀ
କୋରାପୁଟ

ଜ୍ଞାପକ ସଂଖ୍ୟା ୫୦୯ /୨୦ ତାରିଖ ୨୭ /୧୦/୨୦୨୦

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ , କୋରାପୁଟଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ D.I.O, NICଙ୍କୁ ପ୍ରେରଣ କରାଯାଇ ଜିଲ୍ଲା ୱେବ ସାଇଟରେ ପ୍ରକାଶନ ପାଇଁ ଅନୁରାଧ ।

ଦେବେନ କୁମାର ଜୈନ
ଅତିରିକ୍ତ ଜିଲ୍ଲାପାଳ ତଥା ନୋଡାଲ ଅଧିକାରୀ
କୋରାପୁଟ